ଜୟପାଟଣା,୨୫।୧୧(ଇମିସ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ମୁଖିଗୁଡ଼ାରେ କାର୍ଯ୍ୟ କରୁଥିବା ଭୋଳା ଜଗତଙ୍କ ପତ୍ନୀ ରମ୍ଭା ଜଗତ (୪୨) ନିଜ ସେକ୍ଟର ୧ ଏଫ୍ ୪୬ ନମ୍ବର କ୍ୱାର୍ଟର୍ସରେ ଫ୍ୟାନ୍‌ରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗତ ୨୩ ତାରିଖ ରାତିରେ ପରିବାରର ସମସ୍ତେ ଶୋଇ ଥିବା ଅବସ୍ଥାରେ ରମ୍ଭା ଅପର କୋଠରୀରେ ଆତ୍ମହତ୍ୟା କରିଥିଲେ। ଭୋରରେ ସ୍ୱାମୀ ଏ ଘଟଣା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଜୟପାଟଣା ଭାରପ୍ରାପ୍ତ ପୁଲିସ ଅଧିକାରୀ ପି. କେ. ରଣା ଓ ମୁଖିଗୁଡ଼ା ଫାଣ୍ଡି ଏଏସ୍‌ଆଇ ପହଞ୍ଚି ଶବ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠା ଯାଇଥିଲା।

ଖାଦ୍ୟ ନୀତିର ଉଲ୍ଲଂଘନ ହେବ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଏହାକୁ ଦୋହରାଇ ଥିଲେ। ଯୋଗାଣ ବିଭାଗର ଅଧିକାରୀ ଏବଂ ମିଲର୍‌ମାନଙ୍କୁ ତାଗିଦ କରିଥିଲେ। ଏହା ସତ୍ତ୍ୱେ ଖେଳିଆପାଲି ଭଳି କେତେକ ମଣ୍ଡିରେ ଖାଦ୍ୟ ନୀତିର ଉଲ୍ଲଂଘନ କରାଯାଇ ଧାନ ସିଧାସଲଖ ମଣ୍ଡିକୁ ପଠାଯାଉଛି। ୟାର୍ଡ କମିଟି ଲିଖିତ ଭାବେ ଜଣାଇବା ପରେ ଧାନ ସିଧାସଲଖ ମିଲ୍‌ହେଡ୍‌କୁ ପଠାଯାଉଛି କହି ଜିଲ୍ଲା ଯୋଗାଣ ଅଧିକାରୀ ଖାଦ୍ୟ ନୀତି ଉଲ୍ଲଂଘନ ବିଷୟ ପରୋକ୍ଷରେ ସ୍ୱୀକାର କରିଛନ୍ତି। ଜିଲ୍ଲାର ଅନ୍ୟ ମଣ୍ଡିକୁ ମିଲର୍ ପ୍ରତିନିଧିମାନେ ପ୍ରାୟତଃ ଆସୁନାହାନ୍ତି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶାନୁସାରେ ମିଲର୍

ଜଗିବାକୁ ପଡ଼ୁଛି। ଗତକାଲି ଚାଉରପୁରରେ ଏଭଳି ପରିସ୍ଥିତି ଉପୁଜିଥିଲା। ଚାଷୀକୁ ଜାଣିଶୁଣି ହଇରାଣ କରାଯାଉଛି। ଏବେ ମଣ୍ଡିକୁ ଅଳ୍ପ ଅଳ୍ପ ଧାନ ଆସୁଛି। ଆଉ କିଛି ଦିନ ପରେ ବ୍ୟାପକ ମାତ୍ରାରେ ଧାନ ଆସିବ। ଯଦି ଏବେଠୁ ଏଭଳି ସ୍ଥିତି ହୋଇଛି, ତା'ହେଲେ ଆଗାମୀ ଦିନରେ କେମିତି ହେବ ଏଥିରୁ ତାହା ଅନୁମାନ କରାଯାଇପାରେ। ପ୍ରଶାସନ ପକ୍ଷରୁ ଜିଲ୍ଲାରେ ମୋଟ ୧୭ଟି ମଣ୍ଡି ଓ କ୍ରୟ କେନ୍ଦ୍ର ଖୋଲାଯାଇଛି। ପେଡ୍ଡି ତା'ର ୩୬ଟି କ୍ରୟ କେନ୍ଦ୍ର ମଧ୍ୟରୁ ଏବେ ମାତ୍ର ୫/୬ଟି ସ୍ଥାନରେ ଧାନ କ୍ରୟ କରୁଛି। ମଣ୍ଡି ହ୍ୟାଣ୍ଡଲିଂ ଅର୍ଥ ହେର୍‌ଫେର୍ କରିବା ସୁବିଧା ହେଉ ନଥିବାରୁ ଅନ୍ୟ ସ୍ଥାନରେ ଧାନ କିଣିବାକୁ ପେଡ୍ଡି ଆଗ୍ରହ ପ୍ରକାଶ କରୁନଥିବା

ନୂଆପଡ଼ା ଆଦି ଅଞ୍ଚଳକୁ ଟ୍ରକ୍ ଯୋଗେ ଚାଲାଣ ଚାଲାଣ ହେଉଛି। ପ୍ରଶାସନ ନିରବଦ୍ରଷ୍ଟା ସାଜି ଚୁପ୍ ରହିଛି। ଚାଷୀ ଜାଣନ୍ତି ଯେ, ନିକଟ ଭବିଷ୍ୟତରେ ମଣ୍ଡି ଖୋଲିବ ଏବଂ ସରକାରୀ ଧାର୍ଯ୍ୟ କ୍ୱିଣ୍ଟାଲ ପିଛା ହଜାରେରୁ ୧୦୩୦ ଟଙ୍କାରେ ଧାନ କିଣାଯିବ। କିନ୍ତୁ ବିଭିନ୍ନ କାରଣରୁ ଚାଷୀମାନେ ଧାନ ଶୀଘ୍ର ବିକିବା ଜରୁରି ହୋଇ

ଚାଷୀମାନେ ଅଭିଯୋଗ କରିଛନ୍ତି। ନାଫେଡ, ମାର୍କଫେଡ୍ ଆଦି କ୍ରସ ସଂସ୍ଥା ଏଯାଏଁ ମଣ୍ଡିରେ ପାଦ ଦେଇ ନାହାନ୍ତି। ପୂର୍ବ ଅଭିଜ୍ଞତା ନଥିବା ସତ୍ତ୍ୱେ ଆର୍‌ଏମ୍‌ସିକୁ ମଣ୍ଡି ହ୍ୟାଣ୍ଡଲିଂ ଦାୟିତ୍ୱ ଦିଆଯାଇଛି। ଆର୍‌ଏମ୍‌ସି ଆବଶ୍ୟକ ସଂଖ୍ୟକ ଶ୍ରମିକ ନିୟୋଜିତ କରୁନଥିବାରୁ ମାପ ଓ ପ୍ୟାକେଟରେ ଭର୍ତ୍ତି କରିବା ଆଦି କାମରେ ବହୁ ବିଳମ୍ବ ହେଉଛି। ଧାନ କିଣାରେ ଅସହଯୋଗ କରୁଥିବା ସଂସ୍ଥା, ମିଲର୍ ପ୍ରତିନିଧିମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଠୋସ୍

ପଦକ୍ଷେପ ନେବାରେ ଏକ ପ୍ରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଚାଷୀମାନଙ୍କୁ ହଇରାଣ କରାଗଲେ ବାଧ୍ୟ ହୋଇ ସେମାନେ ସିଧାସଲଖ ଧାନ ମିଲ୍‌ହେଡ୍‌କୁ ପଠାଇବେ ବୋଲି ଅସାଧୁ ଅଧିକାରୀ ଓ ବ୍ୟବସାୟୀମାନେ ଚିନ୍ତା କରୁଛନ୍ତି। କେବଳ ସେତିକି ନୁହେଁ, ଅଭାବି ବିକ୍ରି ନିମନ୍ତେ ବାଟ ଫିଟାଇବା ପାଇଁ ଅଭିଜ୍ଞ ସଂସ୍ଥାକୁ ମଣ୍ଡି ହ୍ୟାଣ୍ଡଲିଂ ଦାୟିତ୍ୱ ଦିଆଯାଇ ନାହିଁ ଏବଂ କ୍ରୟ ସଂସ୍ଥାମାନେ ଧାନକିଣାରେ ସହଯୋଗ କରୁନଥିବା ଅଭିଯୋଗ ହୋଇଛି।

କିଛି ଦିନ ତଳେ ସେରସୁଆଁ ତଳ, ସାହାସପୁର, ବରଗାଁ ଆଦି ଅଂଚଳର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଗତକାଲି ବରେଇପାଲି ମଣ୍ଡିରେ ପୁଣି ଚାଷୀମାନେ ଆର୍‌ଏମ୍‌ସି ସଂପାଦକଙ୍କ ସମେତ ୪ ଜଣ ଅଧିକାରୀ/କର୍ମଚାରୀଙ୍କୁ ଗୋଦାମ ଘରେ ତାଲା ଦେଇଥିଲେ। ପ୍ରାଶାସନିକ ବିଫଳତା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। ଆଗାମୀ ଦିନରେ ଏହା ବିସ୍ଫୋରକ ରୂପ ନେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

ବ୍ୟବସ୍ଥା ସରକାର କରିଛନ୍ତି। ଫଳରେ ଅଧିକ ଦୁର୍ନୀତି ହେବାର ଆଶଙ୍କା ଦେଖା ଦେଇଛି। ପେଡ୍ଡରେ ହିଁ ଅଧିକ ଦଲାଲି ଚାଲିଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ଅତିଶୀଘ୍ର ଧାନ ମଣ୍ଡି ଖୋଲିବା ସହିତ ବର୍ତ୍ତମାନ ଅନ୍ୟ ଜିଲ୍ଲାକୁ ଚାଲିଥିବା ଧାନ ତୋରା ଚାଲାଣ ରୋକିବା ପାଇଁ ଦାବି କରାଯାଇଛି।

ଲେଖାଏଁ ଜରିମାନା
ଦଣ୍ଡାଦେଶ ଦେଇଛ
ଜମନକିରା ବ୍ଲକ୍
ସମୟରେ ଶମ୍ଭୁ କି
ଏବଂ ବର୍ତ୍ତମାନ ଦା
ଅଭିଯୁକ୍ତ ମାନେ ମ
ଗୋଟିଏ ଗାଁରେ ନି
ହେବା ପରେ ତାଙ୍କ
୨୦୦୭ ମେ' ୩୦
ବାଭିଷଣ କିସାନ୍
କରିଥିଲେ। ଶମ୍ଭୁ ଏ
ସେମାନଙ୍କୁ ମରଣାନ୍ତ
ଖାନାକୁ ନିଆ ଯାଇ
ମୃତ୍ୟୁ ହୋଇ ଯାଇଥି
ହୋଇ ତଦନ୍ତ କରା
ଅଭିଯୁକ୍ତଙ୍କୁ ଦୋଷୀ
ସରକାରଙ୍କ ପକ୍ଷରୁ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗରେ ଆନ୍ତର୍ଜାତିକ ଆଲୋଚନାଚକ୍ର

ସମ୍ବଲପୁର ,୨୫।୧୧(ଇମିସ): ସାମାଜିକ ବିଜ୍ଞାନ ଗବେଷଣା କ୍ଷେତ୍ରରେ ପରିବର୍ତ୍ତନର ସମୟ ଆସିଛି। ବୈଷୟିକ ଜ୍ଞାନ କୌଶଳ ସହାୟତାରେ ନୂତନ ପଦ୍ଧତି ଅନ୍ୱେଷଣ ଆବଶ୍ୟକ। ଏହି ମର୍ମରେ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗରେ 'ସାମାଜିକ ବିଜ୍ଞାନ ଗବେଷଣା ପଦ୍ଧତିର ପୁନଃପର୍ଯ୍ୟବେକ୍ଷଣ' ଶୀର୍ଷକ ଏକ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ, ସିମ୍କା/ ଆର୍ହୁସ୍ ବିଶ୍ୱବିଦ୍ୟାଳୟ, ଡେନ୍‌ମାର୍କ ମିଳିତ ଆନୁକୂଲ୍ୟରେ ବିଭାଗୀୟ ପ୍ରେକ୍ଷାଳୟରେ ଆୟୋଜିତ ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବକ୍ତାମାନେ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଭାରପ୍ରାପ୍ତ କୁଳପତି ପ୍ରଫେସର ବିଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ପ୍ରଫେସର ଦୀପକ ବେହେରା ପାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ସମ୍ମାନିତ ଅତିଥି ଆର୍ହୁସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଜାନ୍ ସିବର୍ଗ, ପ୍ରଫେସର ଉତ୍ସ କୋଡା ସମ୍ମାନ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ଅତିଥି ଆହ୍ଲାବାଦ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପ୍ରଫେସର ବିଜୟ ଏସ୍ ସହାୟ ସାମାଜିକ ଗବେଷଣା ପଦ୍ଧତିର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। କୂଳସଚିବ ପ୍ରଫେସର ସୁଧାଂଶୁ ଶେଖର ରଥ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ମାନର ସଫଳତା କାମନା କରିଥିଲେ। ମାଧବ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ, ଭାରତୀୟ ସମାଜ ବିଜ୍ଞାନ ଗବେଷଣା ପରିଷଦ, ପୂର୍ବାଞ୍ଚଳ କେନ୍ଦ୍ର ଓ ୟୁରୋପିୟ ସଂଘ ଆର୍ଥିକ ସହଯୋଗରେ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସମ୍ମାନରେ ସାମାଜିକ ବିଜ୍ଞାନ ଗବେଷଣା କ୍ଷେତ୍ରରୁ ସଂଗୃହୀତ ତଥ୍ୟ ଓ ଫଳାଫଳକୁ ବ୍ୟବହାର କରି କିପରି ଉନ୍ନତ ଧରଣର ଓ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରାଯାଇ ପାରିବ ଏହା ଉପରେ ମଧ୍ୟ ଆଲୋକପାତ କରାଯିବ। ଦେଶ ବିଦେଶରୁ ଯୋଗଦେଇଥିବା ପ୍ରବୀଣ ପ୍ରାଧ୍ୟାପକ ଓ ଗବେଷକଙ୍କ ଗବେଷଣାଲବ୍ଧ ମତାମତ ବିଚାର ପୂର୍ବକ ଉଭୟ ଭାରତ ଓ ଡେନ୍‌ମାର୍କର ସାମାଜିକ ଓ ସାଂସ୍କୃତିକ ପରମ୍ପରା ଭିତ୍ତିକ ଏକ ପାଠ୍ୟକ୍ରମ ପ୍ରସ୍ତୁତିରେ ଏହି ସମ୍ମାନ ବେଶ ସହାୟକ ହେବ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ଯେ ୨୦୦୯ ମସିହାରେ ଡେନ୍‌ମାର୍କ ଆର୍ହୁସ୍ ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ୱାକ୍ଷରିତ ଏକ ବୁଝାମଣାର ଏହି ସମ୍ମାନ ଅଂଶବିଶେଷ। ଏଥିରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ବିଭାଗୀୟ ମୁଖ୍ୟ, ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତୁଷାର ପୃସେଠ, ଅବିନାଶ ସାହୁ, ରଶ୍ମୀ ପାରମାଣିକ, ସ୍ୱାଗତିକା ସାମଲଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ରାଜ୍ୟ ତଥା ଦେଶରେ ଶାସନ ଦିଗହୀନ ହୋଇ

ବଲାଙ୍ଗୀର,୨୫।୧୧ (ଇମିସ): ସଂପ୍ରତି ସବୁ କ୍ଷେତ୍ରରେ ଦେଖାଦେଇଛି ସ୍ଖଳନ। ରାଜ୍ୟ ତଥା ସମଗ୍ର ଭାରତରେ ଶାସନ ଦିଗହୀନ ହୋଇପଡ଼ିଛି। ବିଶ୍ୱ ହିନ୍ଦୁତ୍ୱ ତଥା ସନାତନ ଧର୍ମଦ୍ୱାରା ଆହ୍ଲାଦିତ ହୋଇଥିବା ଭାରତବର୍ଷ ଦୁର୍ବଳ ଶାସନ ବ୍ୟବସ୍ଥା ଯୋଗୁଁ ସଂକଟ ଦେଇ ଗତି କରୁଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରରକ୍ଷା ଅଭିଯାନର ସମୟ ଆସିଛି ଏବଂ ଏହି ଦାୟିତ୍ୱ ଶଙ୍କରାଚାର୍ଯ୍ୟ ନେଇଛନ୍ତି ବୋଲି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଟାଉନହଲ୍ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀଜୀ ପ୍ରକାଶ କରିଥିଲେ ଯେ, ରାଷ୍ଟ୍ର ଗଠନରେ ସମସ୍ତଙ୍କ ଭୂମିକା ରହିଛି। ମାତ୍ର ସାମାଜିକ ସ୍ଖଳନ, ଶାସନରେ ଅବ୍ୟବସ୍ଥା ରାଷ୍ଟ୍ରର ବିକାଶରେ ସାଜିଛି ପ୍ରତିବନ୍ଧକ। ଭାରତବର୍ଷର ୪ଜଣ ଯାକ ଶଙ୍କରାଚାର୍ଯ୍ୟ ବିଭିନ୍ନ ସମୟରେ ରାଜ୍ୟ ତଥା କେନ୍ଦ୍ରକୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପରାମର୍ଶମାନ ଦେଇଆସିଥିଲେହେଁ ତାକୁ ଗ୍ରହଣ କରିନାହାନ୍ତି। ଏପରିକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋବର୍ଦ୍ଧନ ପୀଠ କେଉଁଠି ଅଛି ଜାଣନ୍ତି ନାହିଁ, ଏଥିରୁ ସନାତନ ଧର୍ମ ଦ୍ୱାରା ଆହ୍ଲାଦିତ ଭାରତ ବର୍ଷର ବିକାଶ ଏବଂ ସର୍ବୋପରି ଓଡ଼ିଶାର ବିକାଶ କିପରି ହେବ ତାହା ସୁସ୍ପଷ୍ଟ।

ବିହାର ନିର୍ବାଚନ ପ୍ରସଙ୍ଗରେ ସ୍ୱାମୀଜୀ ପ୍ରକାଶ କରିଥିଲେ ଯେ, ବିହାର ଓ ଉତ୍ତରପ୍ରଦେଶରେ

ଦୀର୍ଘଦିନ ହେଲା ବ୍ୟାପକ ଅରାଜକତା ଲାଗି ରହିଥିଲା। ବେରୋଜଗାରୀ ଓ ଦାରିଦ୍ର୍ୟ ଯୋଗୁଁ ସାରା ବିଶ୍ୱରେ ଏହି ଦୁଇ ରାଜ୍ୟ ନିନ୍ଦିତ ହୋଇଆସୁଥିଲା। ବିଜେପି ଏବଂ ଜେଡିୟୁ ସଂଖ୍ୟାଗରିଷ୍ଠତା ହାସଲ କରିବା ଏବଂ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ବିହାରରେ ବିକାଶ ତ୍ୱରାନ୍ୱିତ ହୋଇପାରିବ। ବିହାର ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସ୍ୱାମୀଜୀ ପ୍ରକାଶ କରିଥିଲେ।

ବେଦାନ୍ତକୁ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହୀ ଜମି ଦିଆଯିବା ନେଇ ପ୍ରଶ୍ନ ହେବାରୁ ସ୍ୱାମୀଜୀ ପ୍ରକାଶ କରିଥିଲେ ଯେ, ସେ ବିଭିନ୍ନ ସୂତ୍ରରୁ ଏ ସଂପର୍କରେ ଶୁଣିଛନ୍ତି। ତେବେ ନିକଟରେ ମାନ୍ୟବର ହାଇକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାକୁ ସରକାର ସମ୍ମାନ ଦେଇ କାର୍ଯ୍ୟକାରୀ କରିବା ଉଚିତ। ଏହା ସରକାରଙ୍କ କର୍ତ୍ତବ୍ୟ। ଶଙ୍କରା
ନିଶ୍ଚଳାନନ୍ଦ ସରସ୍ୱତୀ ପ୍ରକାଶ କ
ଭାରତୀୟ ଧର୍ମ, ସଂସ୍କୃତି ଓ ପରଂ
ଅନୁରୂପ ସମ୍ବିଧାନ ହେବା ଉଚିତ।
ନେଇ ରାଜନୀତି କରିଥିବା ଧର୍ମ ପ୍ର
କେବେହେଲ ଲକ୍ଷ୍ୟରେ ସଫଳ ହେ
ହେବ ନାହିଁ। ବର୍ତ୍ତମାନ ବିଭିନ୍ନ ରା
ପକ୍ଷରୁ ପ୍ରାୟୋଜିତ ସାଧୁସନ୍ଥ ବାହ
ନାମରେ ସେମାନେ ରାଜନୈତିକ ଦ
କାର୍ଯ୍ୟ କରୁଛନ୍ତି। ଏପରିକି ଦେ
ପୀଠାଧୀଶ ଶଙ୍କରାଚାର୍ଯ୍ୟ ରହିଥି
୧୪୪ଜଣ ନିଜ ନିଜକୁ ଶଙ୍କରା
ପରିଚୟ ଦେଉଛନ୍ତି। କେନ୍ଦ୍ର ଓ ରା
ତୁରନ୍ତ ଏହି ଭଣ୍ଡମାନଙ୍କୁ ଚିହ୍ନଟ କରି

ମାଟ୍ରିକ୍ ଓ +2 ପାସ୍
❖ ଓଡିଶା ଏବଂ ଦିଲ୍ଲୀ ବୋର୍ଡ ମାଧ୍ୟମରେ ମାତ୍ର ଥରେ ପରୀକ୍ଷା ଦେଇ ମ୍ୟାଟ୍ରିକ୍ ଏବଂ +2 ପାସ୍ ପାଇଁ ଯୋଗାଯୋଗ କରନ୍ତୁ।
❖ ହଷ୍ଟେଲର ସୁବିଧା ଅଛି।
ANAMIKA COACHING CENTRE (ACC)

ଅଜା ହତ୍ୟାକାରୀ ନାତିକୁ ଆଜୀବନ ଜେଲ୍

ଦେବଗଡ଼,୨୫।୧୧(ଇମିସ): ଆଜି ଏକ ହତ୍ୟାକାଣ୍ଡ ମାମଲାର ବିଚାରଜରି ଦେବଗଡ଼ ଅତିରିକ୍ତ ଜିଲ୍ଲା ଜଜ୍ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ

ବିଚିତ୍ର: ଗାଈ ଜନ୍ମ ଦେଲା ୫ ବାଛୁରୀ

ପ୍ରଶ୍ନପତ୍ରରେ ତ୍ରୁଟି, ଅଭିଭାବକ ମ

ସୋନପୁର,୨୫।୧୧(ଇମିସ): ବର୍ତ୍ତମାନ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଥିବା ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ଯୋଗୁଁ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ପ୍ରକାଶ ଯେ, ସେଉଁ ବିଷୟରେ ପୂର୍ଣ୍ଣ ମାର୍କ ୧୦୦ ରହିଥିବା ତଥା ପ୍ରଶ୍ନପତ୍ରରେ ୪୦ ରହିଛି। ଷଷ୍ଠ ଶ୍ରେଣୀର ଇଂ
ସାହିତ୍ୟ, ବିଜ୍ଞାନ, ଗଣିତ ଆଦି ବିଷୟରେ ପୂର୍ଣ୍ଣ
୧୦୦ ରହିଥିବା ବେଳେ ୮୦ ମାର୍କ ପ୍ରଶ୍ନପ
ରହିଛି। ସେହିପରି ଭୂଗୋଳ ଓ ଇତିହାସରେ ୫୦
ସହେ ୪୦ ରହିଛି। ପ୍ରଥମ ଶ୍ରେଣୀ ବିଜ୍ଞାନରେ